ତହସିଲଦାରଙ୍କ କାର୍ଯ୍ୟାଳୟ, କେନ୍ଦୁଝର

ସଂଖ୍ୟା 2663 ତାରିଖ 06.06.2020

ଟ.ନି: 08/20-21

ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସଦର ଥାନା ,ଭାରପ୍ରାପ୍ତ ଅଧିକାରୀ ତାଙ୍କ କାର୍ଯ୍ୟାଳୟର ତାଏରୀ ସଂଖ୍ୟା- ୧୩୫୨ / ୨୦.୦୫.୨୦୨୦ ରେ ଗୋଟିଏ ବାଲି ବୋଝେଇ ଟ୍ରିପର/ଟ୍ରକ (OD-02-AS-0801) ଓ ଜବତ କରିଥିବାର ଅବଗତ କରିଥିଲେ ଓ ଗାଡିରେ ବୋଝେଇଥିବା ବାଲି ପରିମାଣ ଆକଳନ କରିବା ପାଇଁ ଅନୁରୋଧ କରିଥିଲେ । ରାଜସ୍ୱ ନିରୀକ୍ଷକ ରାଇସୁଆଁ , ସଦର ଥାନା ପରିସରରେ ଥିବା ଗାଡି ଟିକୁ ପରିଦର୍ଶନ କରି ଦେଖିଥିରେ ମୋଟ ୧୬ ଘନ .ମିଟର ପରିମାଣର ବାଲି ଥିବା ଆକଳନ କରିଛନ୍ତି । ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ -୨୦୧୬ (ସଂଶୋଧିତ) ଧାରା ୪୮ ଅନୁଯାୟୀ ସଦର ଥାନା ପରିସରେ ଜବତ୍ ଟ୍ରିପରେ ବୋଝେଇଥିବା ବାଲି ରାଜ୍ୟ ସରକାରଙ୍କ ସମ୍ପତ୍ତି ଅଟେ ଓ ତାହାକୁ ନିଲାମ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ଅଛି ।

ରାଜ୍ୟ ସରକାରଙ୍କ ରାଜ୍ୟ ରାଜକୋଷକୁ ଅର୍ଥ ଆଣିବା ନିମନ୍ତେ ଉକ୍ତ ୧୬ ଘନ.ମିଟର ପରିମାଣର ଲଘୁ ଖଣିଜ ଦ୍ରବ୍ୟ(ବାଲି) କୁ ସର୍ବସାଧାରଣରେ ନିଲାମ କରିବାକୁ କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ନିମ୍ନ ସ୍ୱାକ୍ଷରକାରୀ ସ୍ଥିର କରିଛନ୍ତି । ନିଲାମ ସୂଚୀ ନିମ୍ନରେ ପ୍ରଦାନ କରାଗଲା ।

ନିଲାମ ସ୍ଥାନ	ତାରିଖ ଓ ସମୟ	ଧାର୍ଯ୍ୟ ଦର	ମୋଟ ମୂଲ୍ୟ
ସଦର ଥାନା ପରିସର	ତା 30.06.2020 ଦିନ -୧୦.୦୦	ଟ ୨୦୦.୦୦ (ଘନ.ମିଟରପିଛା)	ଟ. ୩୨୦୦ .୦୦

ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରୁଥିବା ବ୍ୟକ୍ତି/ସଂସ୍ଥା ଧାର୍ଯ୍ୟ ସମୟର ୦୧.୦୦ ଘ । ପୂର୍ବରୁ ନିଜର ଚିହ୍ନଟ ପ୍ରମାଣ ପତ୍ର ସହ ମୋଟ ମୂଲ୍ୟର ୧୦ଶତକଡା ନଗଦ ଅର୍ଥ ଦାଖଲ କରିବେ ଓ ସଂପୃକ୍ତ ବ୍ୟକ୍ତି/ସଂସ୍ଥା ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ନିଲାମରେ ଅଂଶ ଗ୍ରହଣ କରିପାରିବେ । ସରକାରୀ ନିର୍ଦ୍ଧାରିତ ଦର ଉପରେ ସର୍ବାଧିକ ଦର (ଘନ.ମିଟରପିଛା) ଦେବାକୁ ଇଚ୍ଛା ପ୍ରକାଶ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଲାମ ଚୂଡାନ୍ତ କରାଯିବ ଓ ନିଲାମରେ ବିଫଳ ହୋଇଥିବା ବ୍ୟକ୍ତିମାନଙ୍କ ଜମା ଅର୍ଥ ଫେରସ୍ତ କରାଯିବ ।ଏଠାରେ ଉଲ୍ଲେଖ ଯୋଗ୍ୟଯେ ସଫଳ ନିଲାମ ଧାରୀ ଡି.ଏମ୍.ଏଫ୍ ରୁଲ -୨୦୧୫ ଧାରା ୯(୨)(ବି) ଅନୁଯାୟୀ ରୟାଲଟି ଅର୍ଥର ୧୦ଶତକଡା ଡି.ଏମ୍.ଏଫ.ଅଂଶ ଆକାରରେ ନଗଦ ଆକାରରେ ଜମା ଦେବେ । ସରକାରୀ କାର୍ଯ୍ୟ ଦିବସରେ ତହସିଲ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ନିଲାମ ସମ୍ପର୍କିତ ତଥ୍ୟ ବୁଝି ପାରିବେ । ନିଲାମରେ ସଫଳ ହୋଇଥିବା ବ୍ୟକ୍ତି ସାତଦିନ ମଧ୍ୟରେ ସମସ୍ତ ଅର୍ଥ ଜମା ଦେଇ ସଂପୃକ୍ତ ଅଂଚଳରୁ ନିଲାମ ଦ୍ରବ୍ୟ ପରିବହନ ପାଇଁ ପଦକ୍ଷେପ ନେବେ ।

ତହସିଲଦାର –ତଥା ଜିଲ୍ଲାପାଳଙ୍କ ପ୍ରତିନିଧି,
TAHASILDAR
KEONJHAR

ପରିପତ୍ର ସଂଖ୍ୟ 2664 ତାରିଖ 06.06.2020

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ,କେନ୍ଦୁଝର, / ଉପ-ଜିଲ୍ଲାପାଳ,କେନ୍ଦୁଝର,/ ଗୋଷ୍ଠି ଉନ୍ନୟନ ଅଧିକାରୀ,ସଦରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ବିଜ୍ଞାପନର ବହୁଳ ପ୍ରସାରଣ ନିମନ୍ତେ ଏହାକୁ ନୋଟିସ ବୋର୍ଡରେ ପ୍ରଦର୍ଶିତ କରାଇବାକୁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ D.I.O,N.I.C,Keonjhar ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ବିଜ୍ଞାପନର ବହୁଳ ପ୍ରସାରଣ ନିମନ୍ତେ ଏହାକୁ District Website ପ୍ରଦର୍ଶିତ କରାଇବାକୁ ଅନୁରୋଧ କରାଗଲା ।

ତହସିଲଦାର –ତଥା ଜିଲ୍ଲାପାଳଙ୍କ ପ୍ରତିନିଧି,
TAHASILDAR
KEONJHAR

ପରିପତ୍ର ସଂଖ୍ୟ 2665 ତାରିଖ 06.06.2020

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ରାଇସୁଆଁ ,କେନ୍ଦୁଝରଙ୍କ / ସଦର ଥାନା ଭାରପ୍ରାପ୍ତ ଅଧିକାରୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ବିଜ୍ଞାପନର ବହୁଳ ପ୍ରସାରଣ ନିମନ୍ତେ ଏହାକୁ ତାଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରଦର୍ଶିତ କରି ସ୍ଥାନୀୟ ଅଚଂଳରେ ବହୁଳ ପ୍ରସାରଣ ନିମନ୍ତେ ପଦକ୍ଷେପ ନେବାକୁ ଆଦେଶ ପ୍ରଦାନ କରାଗଲା ।

ତହସିଲଦାର –ତଥା ଜିଲ୍ଲାପାଳଙ୍କ ପ୍ରତିନିଧି,
TAHASILDAR
KEONJHAR